# ଓପ୍‌ସା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ



ଭୁବନେଶ୍ୱର, ୧୨।୫ (ନି.ପ୍ର): ଓଡ଼ିଶା ପ୍ରଫେସନାଲ ସୋସିଆଲ ୱାର୍କର ଆସୋସିଏସନ (ଓପ୍‌ସା) ପକ୍ଷରୁ କୋଭିଡ-୧୯ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ଲକ୍ଷ ୧୦୦ଟଙ୍କାର ଚେକ୍ ସହାୟତା ରାଶି ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ ଜେନାଙ୍କୁ ଅର୍ପଣ କରିଛନ୍ତି। କୋଭିଡ୍-୧୯ର ଭୟାବହତାକୁ ଆଖିରେ ରଖି ଓପ୍‌ସାର ସମସ୍ତ ସଭ୍ୟ/ସଭ୍ୟା ଆଗାମୀ ଦିନରେ ଓଡ଼ିଶାର ଜନସାଧାରଣ କିପରି ସାମାଜିକ, ମାନସିକ ଓ ଅର୍ଥନୈତିକ ଭାରସାମ୍ୟ ଲାଭ କରିପାରିବେ ସେ ବିଷୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ଓପ୍‌ସାର ଉପସ୍ଥିତ କର୍ମକର୍ତ୍ତା ଡ. ଝରଣା ସ୍ୱାଇଁ, ଅଶୋକକୁମାର ବେହେରା, ତେଜେଶ୍ୱର ପରିଡ଼ା, ଶିଶିର ବାହିନୀପତି, ସ୍ୱପ୍ନା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଗାମୀଦିନରେ ଓଡ଼ିଶାରେ କରୋନା ମୁକାବିଲା ଉପରେ ବିଶଦ ଆଲୋଚନା କରିଥିଲେ।